# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**26 September - 2024**

**News Editor : Itishree Singh Rathaur**

************************************

## ମୁଖ୍ୟ ସମ୍ବାଦ

- ଦୁର୍ଗମ ଅଞ୍ଚଳରେ ଥିବା ଶେଷ ବ୍ୟକ୍ତି ଯାଏଁ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା

— ଭୁବନେଶ୍ୱରରେ ବୁଦ୍ଧିଜୀବୀ ସମ୍ମିଳନୀକୁ କଲେ ସମ୍ବୋଧନ

- ସ୍ୱଚ୍ଛତା କ୍ଷେତ୍ରରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଛି; କହିଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

— ପୁରୀ ଜିଲ୍ଲାରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ କଲେ ଅଂଶଗ୍ରହଣ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା

# ନଡ୍ଡା-ଓଡ଼ିଶା ଗସ୍ତ

ଦୁର୍ଗମ ଅଞ୍ଚଳରେ ଥିବା ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡିକର ସୁଫଳ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡା କହିଛନ୍ତି । ଆଜି ଓଡ଼ିଶା ଗସ୍ତରେ ଆସି ଶ୍ରୀ ନଡ୍ଡା ଭୁବନେଶ୍ୱରରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ବିଜେପି ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବା ଅବସରରେ ସେ କହିଛନ୍ତି, ବିଜେପି ଏକ ଗଣତାନ୍ତ୍ରିକ ଦଳ ଏବଂ ଏହା ଆଦର୍ଶବାଦ ଉପରେ ବିଶ୍ୱାସ କରେ। ଦେଶର ଏକମାତ୍ର ରାଜନୈତିକ ଦଳ ଭାବେ ବିଜେପି ସମସ୍ତଙ୍କ ସମର୍ଥନ ହାସଲ କରିଛି ।

ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି । ଖୁବ୍ ଶୀଘ୍ର ଦେଶ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ସେ କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, କେନ୍ଦ୍ର ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ବିଭିନ୍ନ ସୁବିଧା ଯୋଗାଇବା ଦିଗରେ କାର୍ଯ୍ୟ କରୁଛନ୍ତି । ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ପାଇଁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇଛି ।

ଆଗକୁ ଏଥିରେ ୬ କୋଟିରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ସୂଚନା ଅନୁସାରେ, ପରେ ଶ୍ରୀ ନଡ୍ଡା

ରାଜ୍ୟ ବିଜେପି ଅଧ୍ୟକ୍ଷଙ୍କ ସମେତ ମନ୍ତ୍ରୀ, ବିଧାୟକ, ସାଂସଦ ଏବଂ ପଦାଧିକାରୀମାନଙ୍କ ସହ ବିଚାରବିମର୍ଷ କରିବାର କାର୍ଯ୍ୟକ୍ରମ ରହିଛି । ସେ ସନ୍ଧ୍ୟାରେ ସମସ୍ତ କାର୍ଯ୍ୟକ୍ରମ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଦଳୀୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଏବଂ କର୍ମୀ ଯୋଗଦେଇଛନ୍ତି ।

# ଜଳଶକ୍ତି ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ସ୍ୱଚ୍ଛତା କ୍ଷେତ୍ରରେ ଦେଶରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଛି ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ କହିଛନ୍ତି । ପୁରୀ ଜିଲ୍ଲାର ସୁଆଣ୍ଡୋଠାରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆଧାରିତ ଏକ ଜନସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ଶୌଚାଳୟ ନିର୍ମାଣ କରାଯାଇଛି । ସ୍ୱଚ୍ଛତା ଅଭିଯାନର ସଫଳତାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସ୍ୱଚ୍ଛତା ଏକପ୍ରକାର ସେବା ହେବା ସହ ସ୍ୱଚ୍ଛତା ସୁରକ୍ଷା ମଧ୍ୟ ଅଟେ ବୋଲି ଶ୍ରୀ ପାଟିଲ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପାଟିଲ୍ ଏହି ଗସ୍ତ କାଳରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ 'ଏକ ପେଡ୍ ମା କେ ନାମ' ଅଧୀନରେ ଚାରାରୋପଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଏଥିସହ ସେ ଉତ୍କଳମଣି

ସ୍ମାରକୀ ସଂଗ୍ରହାଳୟ ଏବଂ ବିଦ୍ୟାଧରପୁର ଗ୍ରାମ ପରିଦର୍ଶନ କରିଥିଲେ। ବିଦ୍ୟାଧରପୁର ଗ୍ରାମପଞ୍ଚାୟତରେ ସେ ସ୍ୱଚ୍ଛଭାରତ ମିଶନର କାର୍ଯ୍ୟକାରିତା ନେଇ ତଦାରଖ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନେଇ ନୂଆପଡା, ପୁରୀ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପୁରସ୍କୃତ କରିଥିଲେ।

ଏହାପୂର୍ବରୁ ଭୁବନେଶ୍ୱରରେ ଶ୍ରୀ ପାଟିଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପାନୀୟ ଜଳ ଯୋଗାଣ, ଉଳଉସ୍ୱର ପୁନରୁଦ୍ଧାର ଏବଂ ଜଳସମ୍ପଦର ସଠିକ ବିନିଯୋଗ ଉପରେ ଆଲୋଚନା ହୋଇଛି। ରାଜ୍ୟରେ ଜଳଶକ୍ତି ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମତ ବିନିମୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ମାମଲା ବିଚାରାଧୀନ

ରାଜ୍ୟରେ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନରେ ୧ ଲକ୍ଷ ୩୧ ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଥିବା ଜଣାପଡିଛି । ରାଜସ୍ୱ ପର୍ଷଦ ସଭ୍ୟ ସି.ଜେ.ବେଣୁଗୋପାଳଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରୁ ଏହା ଜଣାପଡିଛି । ସ୍ୱତନ୍ତ୍ର ମାମଲା ଗୁଡ଼ିକର ବିଚାର ନିମନ୍ତେ ୪୦ଟି ଡିଭିଜନାଲ କୋର୍ଟ ରହିଥିବାବେଳେ ଅନେକ ମାମଲା ଗୁଡ଼ିକରେ

ବୈଷୟିକ କାରଣ ଯୋଗୁଁ ପ୍ରାରମ୍ଭିକ ଶୁଣାଣି ବିଳମ୍ବ ହେଉଥିବା ସତ୍ୟପାଠରେ କୁହାଯାଇଛି ।

## ବିଶ୍ୱବ୍ୟାଙ୍କ ଟିମ୍

ଭିତ୍ତିଭୂମି କ୍ଷେତ୍ରରେ ଓଡିଶାର ରଣନୀତି ସମ୍ପର୍କରେ ଅଧ୍ୟୟନ ନିମନ୍ତେ ବିଶ୍ୱବ୍ୟାଙ୍କର ଏକ ୫ଜଣିଆ ଦଳ ଉନ୍ନୟନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଲୋଚନା କରିଛନ୍ତି । ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ସୁପାରିଶ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ବିଭାଗଗୁଡ଼ିକର ସଚିବ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ତଥ୍ୟ ଉପସ୍ଥାପନ କରିଥିଲେ ।

ଉନ୍ନୟନ ସଚିବ ଶ୍ରୀମତୀ ଗର୍ଗ ପ୍ରତିନିଧି ଦଳକୁ ରାଜ୍ୟର ନୂତନ ପିପିପି ନୀତି ଓ ପିପିପି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ ପାଇଁ ତଥା ଘରୋଇ କ୍ଷେତ୍ରକୁ ଅଧିକ ସାମିଲ କରିବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ ।

## ଯକ୍ଷ୍ମା ନିରାକରଣ

ଢେଙ୍କାନାଳ ଜିଲ୍ଲାସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ

ସରକାରୀ ଏବଂ ଘରୋଇ ସହଭାଗିତାରେ ପ୍ରସ୍ତୁତ ସିଟି ସ୍କାନ୍ ସେବାକୁ ସେ ଲୋକାର୍ପଣ କରିଥିଲେ। ଜିଲ୍ଲାବାସୀଙ୍କୁ ମାଗଣାରେ ଏହି ସେବା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ସ୍ୱଚ୍ଛତା ହିଁ ସେବା

ସେବା ପକ୍ଷ ଓ ସ୍ୱଚ୍ଛତା ହିଁ ସେବା ଅଭିଯାନରେ **କୋରାପୁଟ** ଜିଲ୍ଲା ଉମରକୋଟର ଭାଲୁଗୁଡାରେ ଏକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ 'ଏକ ସୁସ୍ଥ, ଆରୋଗ୍ୟ ସମାଜ ଗଠନ ପାଇଁ ସ୍ୱଚ୍ଛତା ରହିବା ନିତ୍ୟାନ୍ତ ଜରୁରୀ' ବୋଲି କହିଛନ୍ତି। ତେବେ ଏଥିପାଇଁ ନେତୃତ୍ୱ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଏକ ପୋଖରୀ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନରେ ବ୍ଲକସ୍ତରୀୟ ସଫେଇ ମିତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା ଉପରେ ଏକ ସମୂହ ସଂକଳ୍ପ ପାଠ ସହ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏଥିସହ ଗ୍ରାମୀଣ ସଫେଇ ମିତ୍ରଙ୍କୁ ସଫେଇ ସରଞ୍ଜାମ ବିତରଣ ସହ ଏକ ଜନସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

**ନୂଆପଡା** ଜିଲ୍ଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସମ୍ପୂର୍ଣ୍ଣତା ଅଭିଯାନ ନେଇ ସୁଷମ ଖାଦ୍ୟ, ନିରୋଗ ସ୍ୱାସ୍ଥ୍ୟ ଶୀର୍ଷକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

ହୋଇଥିଲା। କୋମନା କଲେଜରୁ ଏହି ଶୋଭାଯାତ୍ରା ବାହାରି ଟିକ୍ରାପଡା ପର୍ଯ୍ୟନ୍ତ ଯାଇଥିଲା।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ସଫଳ ରୂପାୟନ ଲକ୍ଷ୍ୟରେ **କେନ୍ଦ୍ରାପଡା** ଜିଲ୍ଲାର ଦୁଇ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସୁଭଦ୍ରା ରଥ ପରିକ୍ରମା କରୁଛି। ଏହି ଯୋଜନାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଯୋଜନା ପାଇଁ ଜିଲ୍ଲାରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

**ନୟାଗଡ଼** ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଆସନ୍ତା ଅକ୍ଟୋବର ପହିଲାରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏହି ଦିବସ ପାଳନ ଅବସରରେ ଏକ ସାଧାରଣ ସଭା ସହ ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ ଶିବିର, ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପ୍ରତ୍ୟେକ ବ୍ଲକ୍‌ରୁ ବରିଷ୍ଠ ନାଗରିକଙ୍କୁ ଏହି ଶିବିରକୁ ଆଣିବା ପାଇଁ ଗାଡିର ବ୍ୟବସ୍ଥା କରାଯିବ। ଏହି ବୈଠକରେ ୧୯ଟି ବରିଷ୍ଠ ନାଗରିକ ଫୋରମ୍‌ର କର୍ମକର୍ତ୍ତା, ୩ଟି ଜରାନିବାସ, ସମର୍ପଣ ନୟାଗଡ଼, ଅତିରିକ୍ତ

ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ପୋଷଣ ମାସ

ପୋଷଣ ମାସ ପାଳନ ଅବସରରେ **ଭଦ୍ରକ**ଠାରେ ଏକ ପ୍ରକଳ୍ପସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏଥିରେ ଯୋଗଦେଇ ପୋଷଣଯୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଏବଂ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ପୁଷ୍ଟିକର ପାରମ୍ପରିକ ଖାଦ୍ୟ ଆଧାରିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି।

## ଗଜଲକ୍ଷ୍ମୀ ପ୍ରସ୍ତୁତି ବୈଠକ

ଢେଙ୍କାନାଳଠାରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବିଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତାରେ  ଅନୁଷ୍ଠିତ ଏହି ବୈଠକରେ ପୂଜା ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହୋଇଛି। ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ପୂଜା ପ୍ରତିଷ୍ଠାନଗୁଡ଼ିକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା ସହ ଆଲୋକ ଏବଂ ପାନୀୟ ଜଳ ଯୋଗାଣ ବିଷୟ ନେଇ ବୈଠକରେ ଆଲୋଚନା ହୋଇଛି। ଢେଙ୍କାନାଳଠାରେ ଆସନ୍ତା ମାସ ୧୬ ତାରିଖରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୨୭ ତାରିଖ ଦିନ ଭସାଣୀ ଅନୁଷ୍ଠିତ ହେବା ନେଇ ବୈଠକରେ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

## ସାହାଣୀକପ୍

ଆନ୍ତଃଜିଲ୍ଲା ସାହାଣୀକପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଗତକାଲି ରାଜ୍ୟର ୪ଟି ଜୋନ୍‌ରେ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୩ଟି ଜୋନ୍‌ରେ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡ଼, ନବରଙ୍ଗପୁର ଏବଂ ବୌଦ୍ଧ ଓ ମୟୂରଭଞ୍ଜ ବିଜୟୀ ହୋଇଛନ୍ତି ।  ବରଗଡ଼ ଓ କେନ୍ଦୁଝର ମଧ୍ୟରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିବାବେଳେ ସମ୍ବଲପୁର-ମାଲକାନଗିରି ବିପକ୍ଷରେ ବିଜୟୀ ହୋଇଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ  ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ନେଇ ଆଜି ପୁରୀ ଜିଲ୍ଲାର ସମସ୍ତ ସ୍କୁଲ ପାଇଁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି । କୋଣାର୍କ ମନ୍ଦିର ପରିସରରେ ବର୍ଷା ଜଳ ଜମିରହିଥିବା ଜଣାପଡିଛି । ଲଘୁଚାପ କ୍ରମଶଃ ଦୁର୍ବଳ ହେଉଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲା ତାଳଚେରଠାରେ ସର୍ବାଧିକ ୧୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।